# ମହାତ୍ମାଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

# ଗାନ୍ଧୀମାର୍ଗରେ ଫଳକ ଉନ୍ମୋଚନ ଓ ଅନୁଷ୍ଠିତ ହେବ ପଦଯାତ୍ରା ।

ଅନୁଗୋଳ,ତା.୨[illegible].୯ :- ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀକୁ ଜିଲ୍ଲା ଓ ବ୍ଲକ୍ ସ୍ତରରେ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଚଳିତ ମାସ ୨୧ ତାରିଖ(ଶନିବାର) ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ୨ ବର୍ଷ ବ୍ୟାପି ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହିତ ପାଳନ ନିମନ୍ତେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ବ୍ଲକ୍ ସ୍ତରରେ ଚଳିତ ମାସ ୨୭ ତାରିଖ ଓ ଜିଲ୍ଲା ସ୍ତରରେ ୨୯ ତାରିଖରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଗାନ୍ଧୀଜୀଙ୍କ ଆତ୍ମଜୀବନି ଓ ଆଦର୍ଶ ଉପରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଅକ୍ଟୋବର ୨ ଗାନ୍ଧୀଜୟନ୍ତୀ ଦିନ ଗାନ୍ଧୀମାର୍ଗର ନାମକରଣକୁ ନେଇ ଏକ ସ୍ମୃତଲ ଫଳକ ଉନ୍ମୋଚନ ହେବା ସହ ପଦଯାତ୍ରା ଅନୁଷ୍ଠିତ ହେବ । ଏହି ପଦଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ,ସାଂସ୍କୃତିକ ଦଳ,ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ବ୍ୟକ୍ତି ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେବେ । ଏହି ପଦଯାତ୍ରା ଗାନ୍ଧୀ ପାର୍କ ଠାରୁ ଆରମ୍ଭ ହୋଇ ରାଣୀଗୋଡା ଠାରେ ପହଂଚିବ । ଜିଲ୍ଲାରେ ଥିବା ସମସ୍ତ ଗାନ୍ଧୀ ମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନର କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିବେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଗାନ୍ଧୀ ପାର୍କରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ । ସନ୍ଧ୍ୟାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗାନ୍ଧୀଜୀଙ୍କ ଆଦର୍ଶ ଓ ଆତ୍ମଜିବନୀ ସମ୍ପର୍କରେ ଆଲୋଚନା ଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବ । ଏହାଛଡା ଗାନ୍ଧୀଜିଙ୍କ ସମ୍ପର୍କରେ ଜଣା ଅଜଣା କାର୍ଯ୍ୟକ୍ରମ ଓ କବିତା ଆବୃତ୍ତି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବ । ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ଜିଲ୍ଲାର ୩ ଜଣ ଗାନ୍ଧୀବାଦୀ ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ସହ ଶତ ପ୍ରତିଶତ ମହିଳା ସାକ୍ଷର,ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ପୁନର୍ବାର ପାଠ ପାଇଁ ପ୍ରବର୍ତ୍ତାଇବା, କୁଟୀରଶିଳ୍ପ,ମହିଳା ସ୍ୱାବଲମ୍ବୀ,ବୃକ୍ଷରୋପଣ ଓ ଗ୍ରାମ୍ୟ ବିବାଦର ଆପୋଷ ସମାଧାନ କରିଥିବା ପ୍ରତି ବ୍ଲକର ଗୋଟିଏ ଲେଖା ଗ୍ରାମକୁ ଆଦର୍ଶ ଗ୍ରାମ ପୁରସ୍କାର ପ୍ରଦାନ କରାଯିବ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବ୍ୟାପକ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ୧୯୩୪ ମସିହା ମେ ମାସ ୫ ତାରିଖରେ ମହାତ୍ମାଗାନ୍ଧୀ ଓଡିଶା ଗସ୍ତରେ ଆସି ଏହି ଜିଲ୍ଲାର ବାମୁର ଠାରେ ରାତ୍ରିଯାପନ କରିଥିବାରୁ ଏଠାରେ ଗାନ୍ଧୀ ଜୟନ୍ତୀ ପାଳନ ଯଥାରୀତି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପାଲଲହଡାର ତିମିରିଆ ଠାରେ ଥିବା ଗାନ୍ଧୀ ମନ୍ଦିର ଠାରେ ମଧ୍ୟ ଗାନ୍ଧୀ ଜୟନ୍ତୀ ପାଳନ କରାଯିବାକୁ ସ୍ଥିର କରାଯାଇଛି । ବୈଠକର ପ୍ରାରମ୍ଭରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଜଗଦୀଶ ରାଏ ଗାନ୍ଧୀ ଜୟନ୍ତୀ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଆଠମଲ୍ଲିକ ଉପଜିଲ୍ଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୁଧାଂଶୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା, ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ରାଧାକାନ୍ତ ମହାନ୍ତି, ଶିକ୍ଷାବିତ୍ ଶ୍ରୀ ସାନ୍ତନୁ କୁମାର ସର, ଅବସରପ୍ରାପ୍ତ ପ୍ରଶାସକ ଶ୍ରୀ ହେମନ୍ତ କୁମାର ଦାସ,ଆଇନଜ୍ଞିବୀ ଶ୍ରୀ ଭବାନି ପ୍ରସାଦ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।